ସାମନ୍ତୀତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବେଲପଡା

ଗ୍ରାମ/ ପୋ / ଥାନା :- ବେଲପଡା, ଜିଲ୍ଲା ବଲାଙ୍ଗିର, ଓଡ଼ିଶା ପିନ-୭୬୭୦୨୬
ଇ-ମେଲ-cdpo.belpara@gmail.com

ବିଜ୍ଞାପନ ସଂଖ୍ୟା. ୧୩୬୦ /ICDS, ତାରିଖ. ୨୦/୦୧/୨୦୨୬

ଏତଦ୍ଦ୍ୱାରା ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ଲିଖିତ ଅଙ୍ଗନୱାଡି କେନ୍ଦ୍ର ରେ ଅଙ୍ଗନୱାଡି କର୍ମୀ (Anganwadi Worker) ପଦବୀ ଖାଲି ଅଛି । ଏହି ପଦବୀରେ ନିଯୋଜନ ନିମନ୍ତେ ଓଡ଼ିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ପରିବର୍ତ୍ତିତ ଦିଶା ନିର୍ଦ୍ଦେଶାବଳୀ (Revised Guidelines) ସଂଖ୍ୟା ୪୯୭୦ ତାରିଖ ୧୫-୦୩-୨୦୨୩, ମୁତାବକ ନିମ୍ନଲିଖିତ ଯୋଗ୍ୟତା ଓ ସର୍ତ୍ତାବଳୀ ଥାଇ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ସେବାଞ୍ଚଳର ମହିଳାଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରାର୍ଥୀମାନେ website"engagement-awc.odisha.gov.in" କୁ ଲଗ ଇନ କରି ପଦବୀ ପାଇଁ ତା.୨୪/୧୧/୨୦୨୬ ରିଖଠାରୁ ତା.୩୦ /୧୨/୨୦୨୬ ରିଖ ଅପରାହ୍ନ ଘ.୫.୦୦ ଘଟିକା ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ କରିପାରିବେ । ନିର୍ଦ୍ଧାରୀତ ସମୟ ପରେ ଅନଲାଇନ କରାଯାଇଥିବା କିମ୍ବା ଅସମ୍ପୂର୍ଣ ଆବେଦନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ । Offline ରେ ହୌଣସି ଆବେଦନ / ଦସ୍ତାବିଜ ଗ୍ରହଣ କରାଯିବ ନାହିଁ ।

କ୍ର.ନ	ଗ୍ରା. ପ. ର ନାମ	ଗ୍ରା.ମ ର ନାମ	ଦରଖାସ୍ତ ଆହ ନ କରାଯାଇଥିବା କେନ୍ଦ୍ରର ନାମ ଓ ଅଙ୍ଗନୱାଡି କେନ୍ଦ୍ର ର ସର୍ଭେ ରେଜିଷ୍ଟର ଅନୁସାରେ ସେବାଞ୍ଚଳ ର ଘର ନମ୍ବର
୧	ପଡମୁହାଣ	ଅରଁଲାଭଟା	ଅରଁଲାଭଟା ଘର ନଂ ୦୧ ଭୈରୀଶ ପୁନା ଙ୍କ ଘର ଠାରୁ ଘର ନଂ ୨୨୯ ସୁରେନ୍ଦ୍ର ମେହେର ଙ୍କ ଘର ପର୍ଯ୍ୟନ୍ତ ।
୨	ଭାରୁଆପାଲି	ଭାରୁଆପାଲି-୦୧	ଭାରୁଆପାଲି ଘର ନଂ ୦୧ ଗୁଣନିଧି ସାହୁ ଙ୍କ ଘର ଠାରୁ ଘର ନଂ ୧୫୬ କୃପା ମାଝୀ ଙ୍କ ଘର ପର୍ଯ୍ୟନ୍ତ ।
୩	ଧୂମାଭଟା	ଧୂମାଭଟା-୦୩	ଧୂମାଭଟା-୦୩ ଘର ନଂ ୦୧ ଗଲା ସାହୁ ଙ୍କ ଘର ଠାରୁ ଘର ନଂ ୧୯୨ ଚୁନଚୁନ ବୁଢ଼େକ ଙ୍କ ଘର ପର୍ଯ୍ୟନ୍ତ ।

ଯୋଗ୍ୟତା :-

୧. ସେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସେବାଞ୍ଚଳ ର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨. ପ୍ରାର୍ଥିନୀ ଙ୍କ ବୟସ ସୀମା ତା ୦୧-୦୧-୨୦୨୬ ରିଖକୁ ୧୮ ବର୍ଷ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଦରକାର ।

୩. ପ୍ରାର୍ଥିନୀ ଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ +୨ ପାସ ହୋଇଥିବା ଦରକାର ।

୪. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ । ନିମ୍ନଲିଖିତ ବର୍ଗଗୁଡିକୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯିବ ।

Scanned with OKEN Scanner

କ୍ରମିକ ସଂଖ୍ୟା	ବର୍ଗ	ଅତିରିକ୍ତ ପଏଣ୍ଟ
୧	ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି	୧୦
୨	ବିଧବା	୧୦
୩	ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତା ମାତା ନ ଥିବା)	୧୦
୪	ଯଦି ଶାରୀରିକ ଭିନ୍ନକ୍ଷମ ୪୦% ରୁ ଅଧିକ ଥିଲେ	୫
୫	ନିରାଶ୍ରୟ / ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତ ମହିଳା	୫
୬	ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଛନ୍ତି	୫
୭	ଯଦି ପ୍ରାର୍ଥିନୀ ECCE କାର୍ଯ୍ୟକ୍ରମ କରିଥିଲେ	୫
୮	ଯଦି ପ୍ରାର୍ଥିନୀ ପୂର୍ବରୁ ଗ୍ରାମରେ ବାଲବଡି କର୍ମୀ ଥିଲେ	୫

୪. ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମିଙ୍କ ଠାରୁ ଅଲଗା ହୋଇ ଯାଇଥିବା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳାଙ୍କୁ ପ୍ରାଥମିକତା ଦିଆଯିବ ।

୬. ଯଦି ପ୍ରାର୍ଥିନୀ ବିଧବା ହୋଇଥିବେ ତା ହେଲେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଫର୍ମ ନଥି କରିବେ ।

୭. ଯଦି ପ୍ରାର୍ଥିନୀ ସ୍ୱାମୀ ପରିତ୍ୟକ୍ତ । ହୋଇଥିବେ ତହିଁର ପ୍ରମାଣ ପତ୍ର ଫର୍ମ ନଥି କରିବେ ।

୮. ଶାରୀରିକ ବିକଳାଙ୍ଗ ମାନଙ୍କ ପାଇଁ ଉପଯୁକ୍ତ ଅଧିକାରୀଙ୍କ ଠାରୁ ପ୍ରମାଣ ପତ୍ର ଦାଖଲ କରିବେ ।

୯. ଯଦି ପ୍ରାର୍ଥିନୀ ଅନାଥିନୀ ହୋଇଥିବେ ତାହେଲେ ଉପଯୁକ୍ତତ ଅଧିକାରୀ ଠାରୁ ପ୍ରମାଣ ପତ୍ର ଫର୍ମ ସହ ନଥି କରିବେ ।

୧୦. ଯଦି ପ୍ରାର୍ଥିନୀ ଅସହାୟ ହୋଇଥିବେ ତାହେଲେ ଉପଯୁକ୍ତତ ଅଧିକାରୀ ଠାରୁ ପ୍ରମାଣ ପତ୍ର ଫର୍ମ ସହ ନଥି କରିବେ ।

୧୧. ଯଦି ପ୍ରାର୍ଥିନୀ ବିବାହିତ ହୋଇଥିବେ ତାହେଲେ ବିବାହ କରିଛି ବୋଲି ନିଜେ ଏକ ଘୋଷଣାନାମା ଦେବେ ।

୧୨. ଯଦି ଅଙ୍ଗନୱାଡି ସାହାର୍ଯ୍ୟକାରିଣୀ, ସଂଘଠିକା, ବାଲୱାଡି ୱାର୍କର, ସମଗ୍ରଶିକ୍ଷା ଅନ୍ତର୍ଗତ ECCE କର୍ମୀ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ସହ ଅରିଙ୍ଗତା ହାସଲ କରିଥିଲେ ସରକାରଙ୍କର ନିୟମାନୁଯାୟୀ ଅଗ୍ରାଧିକାର ପାଇବେ ।

୧୩. ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଅନୁସୂଚୀତ ଜାତି / ଜନଜାତି / ବିଧବା / ନିରାଶ୍ରୟ / ସ୍ୱାମୀ ପରିତ୍ୟକ୍ତ / ବିକଳାଙ୍ଗ / ଅବିବାହିତ । ମହିଳା / ଅନାଥ ପ୍ରାର୍ଥିନୀ / ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନଙ୍କୁ ସରକାରଙ୍କ ନୀତିନିୟମ ପ୍ରକାରେ ଗ୍ରେସ ମାର୍କ ଦିଆଯିବ । ଏଥିପାଇଁ ଆବଶ୍ୟକ ପ୍ରମାଣ ପତ୍ର ସହିତ ନଥି କରିବା ନିତାନ୍ତ ଆବଶ୍ୟକ ନଚେତ ଗ୍ରେସ ପଏଣ୍ଟ ପାଇବାରୁ ବଞ୍ଚିତ ହେବେ ।

୧୪. ସରକାରଙ୍କ ପତ୍ର ସଂଖ୍ୟା-4970/s.w.c.d dt-15-03-2023 ନିର୍ଦ୍ଦେଶନାମ । ଅନୁଯାୟୀ ଯୋଗ୍ୟତା ଡାରିଜା ଅନୁସାରେ ନିଯୁକ୍ତି ପ୍ରଦାନ କରାଯିବ ।

୧୫. ପ୍ରାର୍ଥିନୀ ଶିକ୍ଷାଗତ ଯୋଗ୍ୟତା ସମ୍ପୂର୍ଣ ପ୍ରମାଣ ପତ୍ର ଓ ଜାତିଗତ ପ୍ରମାଣ ପାତ୍ର ନକଲ ଫର୍ମ ସହ ନଥି କରିବେ ।

Scanned with OKEN Scanner

୧୬. ସ୍ଥାୟୀ ବାସିନ୍ଦା ପ୍ରମାଣ ପାତ୍ର ବୈଧ ହୋଇଥିବା ସହ ନକଲ ଫର୍ମ ସହ ନଥି କରିବେ ।

୧୭. ଅସମ୍ପୂର୍ଣ୍ଣ ଦରଖାସ୍ତ ଫର୍ମ ଗୁଡିକୁ ବିଚାରକୁ ନିଆଯିବ ନାହିଁ ।

୧୮. ଆବଶ୍ୟକ ସନନ୍ଦ ଗୁଡିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ ଫର୍ମ ସହିତ ଦାଖଲକରିନଥିଲେ ଏହା ବିଚାରକୁ ନିଆଯିବ ନାହିଁ ।

୧୯. ମୂଳ ସନନ୍ଦ (Original Certificate) ଯାଞ୍ଚ ଦିନ ପ୍ରାର୍ଥିନୀ ଯଦି ଅନୁପସ୍ଥିତି ରହିବେ ତାହେଲେ ତାଙ୍କ ପ୍ରାର୍ଥୀ ପତ୍ର ବିଚାରକୁ ନିଆଯିବ ନାହିଁ ।

ପ୍ରାର୍ଥିନୀମାନେ online ସମୟରେ ଏହି ସବୁ documents ଅପଲୋଡ ଦରଖାସ୍ତ ସହିତ ସ୍କ୍ୟାନ୍ ହୋଇଥିବା ନିମ୍ନଲିଖିତ ପ୍ରମାଣପତ୍ର ଦାଖଲ କରିବେ ।

୧. ବୁକ ଗୋଟି ପାସପୋର୍ଟ ସାଇଜ ର ଫୋଟୋଗ୍ରାଫ ଓ ଆଧାର କାର୍ଡ ।

୨. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ ଏବଂ ମାର୍କସିଟ ।

୩. ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (୬ ମାସ ମଧ୍ୟରେ ହୋଇଥିବା ଆବଶ୍ୟକ) ।

୪. ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି ହୋଇଥିଲେ ତହସିଲଦାରଙ୍କ ଠାରୁ ପ୍ରମାଣପତ୍ର ।

୫. ବିଧବା ହୋଇଥିଲେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ।

୬. ଅନାଥହୋଇଥିଲେ (ଜଟିତ ଅନଲାଇନ୍ ପିତାମାତା ନଥିବେ) ପ୍ରମାଣପତ୍ର ।

୭. ନିସ୍ୱ ପରିତ୍ୟକ୍ତା (Destitute) ନିରାଶ୍ରୟା ହୋଇଥିଲେ ସମ୍ପୃକ୍ତ ଅଧିକାରୀଙ୍କ ପ୍ରମାଣପତ୍ର ।

୮. ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ କୋର୍ଟରୁ ଡିଗ୍ରୀର ପ୍ରମାଣପତ୍ର ।

୯. ଅଙ୍ଗନୱାଡି କେନ୍ଦ୍ର ପରିସର ଗୃହ ସର୍ଭେ ସଂଖ୍ୟା ।

ବି.ଦ୍ର:- ଅଧିକ ବିବରଣୀ ପାଇଁ ଜିଲ୍ଲା ସେବା ପରିସର ଅଞ୍ଚଳ ଜାଣିବା ପାଇଁ ଇଚ୍ଛୁକ ପ୍ରାର୍ଥିନୀ କାର୍ଯ୍ୟରତ ଥିବା ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଙ୍କ ସହ ଯୋଗାଯୋଗ କରି ପାରିବେ ।

ସର୍ତ୍ତାବଳୀ:-

୧. ଅଙ୍ଗନୱାଡି ଜଣେ ସ୍ୱେଚ୍ଛା ସେବିକା (Volunteer) ଏବଂ ସ୍ୱଳ୍ପ ପାରିଶ୍ରମିକ ଭତ୍ତାରେ ୱାର୍ଡ/ ଗ୍ରାମ ବାସ୍ତି ବାସିନ୍ଦାଙ୍କ ସହଯୋଗକ୍ରମେ ଅନୁସୂଚିତ ଜନଜାତି / ଅନୁସୂଚିତ ଜାତିତଥା ସମାଜର ପଛୁଆ ବର୍ଗର ଶିଶୁ ଓ ମହିଳା ମାନଙ୍କର ସେବା କରିବାକୁ ଅଙ୍ଗିକାର ବଦ୍ଧ ଥିବେ ।

୨. ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ପ୍ରାର୍ଥିନୀମାନେ ତା- ୮ /୧୭/୨୦୨୬, ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ ଉକ୍ତ କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ରହି ନିଜର ସମସ୍ତ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇବେ । ଅନୁପସ୍ଥିତ ରହିଲେ ଆବେଦନ ପତ୍ରକୁ ନାକଚ କରିଦିଆଯିବ ।

୩. ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟାରେ ଉତ୍ତିର୍ଣ ପ୍ରାର୍ଥନୀମାନଙ୍କର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣ ପତ୍ର ଏବଂ ଶିକ୍ଷାଗତ ଯୋଗ୍ୟତା ପତ୍ର ବିରୁଦ୍ଧରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ତା- ୧୫/୧୨/୨୦୨୬ ରିଖ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଅଭିଯୋଗ କରିପାରିବେ ଧାର୍ଯ୍ୟ ତାରିଖ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ବି.ଦ୍ର:- କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଉକ୍ତ ବିଜ୍ଞାପନକୁ ଏବଂ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ନାକଚ କରିବାର କ୍ଷମତା ସମ୍ପୃକ୍ତ ଅଧିକାରୀଙ୍କର ରହିଛି ।

ବିଶେଷ ସୂଚନା:-

୧. ଡକୁମେଣ୍ଟ ଯାଞ୍ଚ କରାଯିବା ସ୍ଥାନ ବେଇପଡା (ଗ୍ରାମାଞ୍ଚଳ) ସି.ଡି.ପି.ଓ.ଙ୍କ କାର୍ଯ୍ୟାଳୟ ତା- ୮ /୧୨/୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ ।

Scanned with OKEN Scanner

୨. ଆବେଦନକାରୀ ଦିଆଯାଇଥିବା wcd ପୋର୍ଟାଲକୁ ଯାଇ Public Sign up କରି ନିଜର User id ଓ Password ତିଆରି କରି Public Login ମାଧ୍ୟମରେ Login କରି Dashboard awh engagement ଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରିବେ ।

୩. ଆବେଦନ କରିବା ସମୟରେ Application details, Educational details (upload Certificate marksheet), Caste / Resident Certificate attachment ପୂରଣ କରି Save as Draft କରି ଭଲ ଭାବେ ଦେଖି submit କରନ୍ତୁ ।

୪. ପ୍ରାର୍ଥୀମାନେ ମଧ engagement-awc.odisha.in. ପୋର୍ଟାଲରେ ହୋମ୍ ପେଜରେ How to apply for awh vacancies tab କୁ ଯାଇ ଦରଖାସ୍ତ କରିବା ପ୍ରକ୍ରିୟା ଜାଣିପାରିବେ ।

ଆସନ୍ତା ତା-୮/୧୨/୨୦୨୬, ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ରେ ଆବେଦନ କରିଥିବା ସମସ୍ତ ମୂଳ ସନଦ (Original Certificate) ମାନ ଯାଞ୍ଚ କରାଯିବ । ଏଣୁ ଉକ୍ତ ତାରିଖ ଓ ସମୟରେ ସମସ୍ତ ଅସଲି ପ୍ରମାଣ ପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ନିମନ୍ତେ ପ୍ରାର୍ଥୀନୀ ମାନଙ୍କୁ ଅନୁରୋଧ କରାଯାଉଛି । ଧାର୍ଯ୍ୟ ତାରିଖ ପରେ ପାଇଥିବା ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ନାହିଁ ।

ଗୋଷ୍ଠୀ ଦ୍ୱାରା କୌଣସି ପ୍ରାର୍ଥୀନୀଙ୍କ ବିରୁଦ୍ଧରେ ଯଦି ଜାତି / ସ୍ଥାୟୀ ବାସିନ୍ଦା / ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ସକ୍ରାନ୍ତୀୟ କୌଣସି ପ୍ରକାରର ଆପତ୍ତି ଅଭିଯୋଗ ଥାଏ ତାହେଲେ ଆପତ୍ତି ଅଭିଯୋଗ ବିଜ୍ଞାପନ ର ୭ ଦିନ ମଧ୍ୟରେ ଉକ୍ତ ଅଙ୍ଗନୱାଡିକେନ୍ଦ୍ର ସେବିକା ର ପ୍ରାର୍ଥୀନୀ ମାନେ online portal ରେ ଅଭିଯୋଗ ଦାଖଲ କରିବେ । ଧାର୍ଯ୍ୟ ତାରିଖ ପରେ ତାଙ୍କର ନଥି ପତ୍ର ଦାଖଲ ପଶ୍ଚାତ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ଯୋଗ୍ୟ ହେବ ନାହିଁ । ଯେକୌଣସି ସମୟରେ କୌଣସି କାରଣ ବଶତଃ ବିନା କାରଣ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ ଏହି ନିଯୁକ୍ତି (appointment) ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଶିଶୁ ବିକାଶ ପ୍ରକଳ୍ପ
ଅଧିକାରୀ, ବେଲପଡା

ଛାପଚ ସଂଖ୍ୟା- ୧୩୬୧ /ICDS, ତାରିଖ- ୨୦/୧୧/୨୦୨୬

ଏହାର ଏକାଳିତା ନକଲ ଉପ-କିଲ୍ଲାପାଳ, ପାଟଣାଗଡ଼ / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ବଲାଙ୍ଗୀର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଲପଡା, / ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବେଲପଡା, / ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ବେଲପଡା, / ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଲପଡା ଙ୍କ ଅବଗତି ଓ ବହୁଳ ପ୍ରଚାର ପ୍ରସାର ନିମନ୍ତେ ତାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ବିଜ୍ଞାପନ କରିବା ପାଇଁ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଶିଶୁ ବିକାଶ ପ୍ରକଳ୍ପ
ଅଧିକାରୀ, ବେଲପଡା

ଛାପଚ ସଂଖ୍ୟା- ୧୩୬୨ /ICDS, ତାରିଖ- ୨୦/୧୧/୨୦୨୬

ଏହାର ଏକାଳିତା ନକଲ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ବେଲପଡାଙ୍କ କାର୍ଯ୍ୟାଳୟଙ୍କ ନୋଟିସ ବୋର୍ଡ ରେ ସର୍ବସାଧରଣଙ୍କ ଅବଗତି ଓ ବହୁଳ ପ୍ରଚାର ପ୍ରସାର ନିମନ୍ତେ ବିଜ୍ଞାପିତ କରାଗଲା ।

ଏହାର ଅତିରିକ୍ତ ନକଲ ସମ୍ପୃକ୍ତ ମୁଖ୍ୟ ସେବିକା ମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାଳିତା ନକଲ ସମ୍ବାଦ news ପେପେର ରେ ସର୍ବସାଧରଣଙ୍କ ଅବଗତି ଓ ବହୁଳ ପ୍ରଚାର ପ୍ରସାର ନିମନ୍ତେ ବିଜ୍ଞାପିତ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଶିଶୁ ବିକାଶ ପ୍ରକଳ୍ପ
ଅଧିକାରୀ, ବେଲପଡା

Scanned with OKEN Scanner